# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 8th September – 2025

*********************************

## ମୁଖ୍ୟ ସମ୍ବାଦ

- ଆସନ୍ତାକାଲି ଉପରାଷ୍ଟ୍ରପତି ନିର୍ବାଚନ; ଏନ୍.ଡି.ଏ ପ୍ରାର୍ଥୀ ସି.ପି.ରାଧାକ୍ରିଷ୍ଣନ୍ ଏବଂ ଇଣ୍ଡି ମେଣ୍ଟ ପ୍ରାର୍ଥୀ ବି.ସୁଦର୍ଶନ ରେଡ୍ଡୀଙ୍କ ମଧ୍ୟରେ ହେବ ପ୍ରତିଦ୍ୱନ୍ଦ୍ୱିତା

- ପ୍ରଧାନମନ୍ତ୍ରୀ ଆସନ୍ତା ୧୭ ତାରିଖରୁ 'ସୁସ୍ଥ ନାରୀ, ସଶକ୍ତ ପରିବାର' ଅଭିଯାନର କରିବେ ଶୁଭାରମ୍ଭ

- ରାଜ୍ୟରେ ପ୍ରତିବର୍ଷ ଏପ୍ରିଲ ମାସରୁ ସାର ବଣ୍ଟନ ନେଇ ପ୍ରସ୍ତୁତି କରିବାକୁ ପାକ୍ସମାନଙ୍କୁ ରାଜ୍ୟ ସରକାରଙ୍କ ପରାମର୍ଶ

ଏବଂ

- ରାଜ୍ୟରେ ଆସନ୍ତା ୫ ଦିନ ପର୍ଯ୍ୟନ୍ତ ବର୍ଷା ଲାଗି ରହିବା ନେଇ ପାଣିପାଗ କେନ୍ଦ୍ରର ଅନୁମାନ

GNR

# ଉପରାଷ୍ଟ୍ରପତି ନିର୍ବାଚନ

ଉପରାଷ୍ଟ୍ରପତି ପଦ ପାଇଁ ଆସନ୍ତାକାଲି ନିର୍ବାଚନ ଅନୁଷ୍ଠିତ ହେବ। ନିର୍ବାଚନରେ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ- ଏନ୍.ଡି.ଏ. ପକ୍ଷରୁ ସି.ପି.ରାଧାକ୍ରିଷ୍ଣନ୍ ପ୍ରାର୍ଥୀ ହୋଇଥିବା ବେଳେ ପୂର୍ବତନ ସୁପ୍ରିମକୋର୍ଟ ବିଚାରପତି ବି.ସୁଦର୍ଶନ ରେଡ୍ଡୀଙ୍କୁ ଇଣ୍ଡି ମେଣ୍ଟ ପ୍ରାର୍ଥୀ କରିଛି। ଉପରାଷ୍ଟ୍ରପତି ନିର୍ବାଚନ ପୂର୍ବରୁ ଆଜି ନୂଆଦିଲ୍ଲୀରେ ଓଡ଼ିଶାର ବିଜେପି ସାଂସଦଙ୍କ ବୈଠକ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୈଠକରେ ଯୋଗ ଦେଇଛନ୍ତି। ବୈଠକ ପରେ ମୁଖ୍ୟମନ୍ତ୍ରୀ କହିଛନ୍ତି...

**- V/O -**

ମୁଖ୍ୟମନ୍ତ୍ରୀଙ୍କ ସମେତ ରାଜ୍ୟ ବିଜେପି ଅଧ୍ୟକ୍ଷ ମନମୋହନ ସାମଲ, କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ବିଜେପି ରାଜ୍ୟ ପ୍ରଭାରୀ ବିଜୟ ପାଲ ସିଂହ ତୋମାର ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ। ଅପରପକ୍ଷରେ ବିଜୁଜନତା ଦଳ ଭୋଟିଂରୁ ବିରତ ରହିବ ବୋଲି ଦଳର ମୁଖପାତ୍ର ସସ୍ମିତ ପାତ୍ର ସୂଚନା ଦେଇଛନ୍ତି।

HS

# ସୁସ୍ଥ ନାରୀ, ସଶକ୍ତ ପରିବାର

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ୧୭ ତାରିଖରୁ 'ସୁସ୍ଥ ନାରୀ, ସଶକ୍ତ ପରିବାର' ଅଭିଯାନର ଶୁଭାରମ୍ଭ କରିବେ। କେନ୍ଦ୍ର ସ୍ୱାସ୍ଥ୍ୟ ଓ

ପରିବାର କଲ୍ୟାଣ ମନ୍ତ୍ରୀ ଜେ.ପି.ନଡ୍ଡା ସାମାଜିକ ଗଣମାଧ୍ୟମରେ ସୂଚନା ଦେଇ କହିଛନ୍ତି, ପ୍ରଧାନମନ୍ତ୍ରୀ ମୋଦୀଙ୍କ ଜନ୍ମଦିନ ଅବସରରେ ଦେଶବ୍ୟାପୀ ୭୫ ହଜାର ସ୍ୱାସ୍ଥ୍ୟ ଶିବିର' ଆୟୁଷ୍ମାନ ଆରୋଗ୍ୟ ମନ୍ଦିର, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ଅନ୍ୟାନ୍ୟ ସ୍ୱାସ୍ଥ୍ୟ ସଂସ୍ଥାନରେ ଆୟୋଜନ କରାଯିବ। ଏହି ଶିବିର ଗୁଡ଼ିକରେ ମହିଳା ଓ ଶିଶୁମାନଙ୍କ ସ୍ୱାସ୍ଥ୍ୟ ଆବଶ୍ୟକତାକୁ ପ୍ରାଥମିକତା ଦିଆଯିବା ସହ ସରକାରଙ୍କ ସମାବେଶୀ ସ୍ୱାସ୍ଥ୍ୟସେବାର ସ୍ୱପ୍ନକୁ ସାକାର କରିବା ଦିଗରେ ପଦକ୍ଷେପ ଗ୍ରହଣ କରାଯିବ। ଏଥିସହିତ ଶିଶୁମାନଙ୍କ ମଧ୍ୟରେ ପୋଷଣ ଓ ସ୍ୱାସ୍ଥ୍ୟ ସଚେତନତାକୁ ଦୃଷ୍ଟିରେ ରଖି ସମସ୍ତ ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକରେ ପୋଷଣ ମାସ ପାଳନ କରାଯିବ।

CTC

## ସିଙ୍ଗଲ ୱିଣ୍ଡୋ

ଆସନ୍ତା ଦୁର୍ଗାପୂଜା ନିମନ୍ତେ ବିଭିନ୍ନ ଅନୁମତିପତ୍ର ପ୍ରଦାନ ନେଇ କଟକ ଜିଲ୍ଲା ପ୍ରଶାସନ ପକ୍ଷରୁ କରାଯାଇଥବା ଏକକ ବାତାୟନ ବ୍ୟବସ୍ଥାକୁ ଆଉ ଗୋଟିଏ ଦିନ ବୃଦ୍ଧି କରାଯାଇଛି। ଫଳରେ ଏହି ପ୍ରକ୍ରିୟା ଆସନ୍ତାକାଲି ପର୍ଯ୍ୟନ୍ତ ଜାରି ରହିବ। ପୂଜା କମିଟି ଗୁଡ଼ିକ ପକ୍ଷରୁ ପୂଜା ପେଣ୍ଡାଲ ଏବଂ ଗେଟ୍ ନିର୍ମାଣ ପାଇଁ ହୋଇଥିବା ସିଙ୍ଗଲ ୱିଣ୍ଡୋ ବ୍ୟବସ୍ଥା ପାଇଁ ଅତିରିକ୍ତ ଦୁଇଦିନ ବଢ଼ାଇବା ଲାଗି ଅନୁରୋଧ କରାଯିବାପରେ ପ୍ରଶାସନ ପକ୍ଷରୁ ଏହି ନିଷ୍ପତ୍ତି ନିଆଯାଇଛି। ତେବେ ଆସନ୍ତାକାଲି ପରେ ଏହି ଅବଧି ବୃଦ୍ଧି କରାଯିବ ନାହିଁ ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

Nuapada

## ବିଧାୟକଙ୍କ- ଶେଷକୃତ୍ୟ

ନୂଆପଡ଼ା ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ରାଜେନ୍ଦ୍ର ପ୍ରସାଦ ଢୋଲକିଆଙ୍କର ଆସନ୍ତାକାଲି ଶେଷକୃତ୍ୟ ସମ୍ପନ୍ନ ହେବ ବୋଲି ତାଙ୍କ ପରିବାରବର୍ଗଙ୍କ ପକ୍ଷରୁ ସୂଚନା ମିଳିଛି। ତାଙ୍କ ମରଶରୀର ଆଜି ଚେନ୍ନାଇରୁ ଆସି ନୂଆପଡ଼ାରେ ପହଁଞ୍ଚିବ। ତାଙ୍କ ପରଲୋକ ନେଇ ଖଡ଼ିଆଳ ରୋଡ୍ ଅଞ୍ଚଳରେ ଦୁଇଦିନ ପାଇଁ ଶୋକପାଳନ ସ୍ୱରୂପ ଦୋକାନ ବଜାର ବନ୍ଦ ରଖାଯାଇଛି। ସୂଚନାଯୋଗ୍ୟ, ସ୍ୱର୍ଗତ ଢୋଲକିଆଙ୍କର ଆଜି ସକାଳେ ୬୮ ବର୍ଷ ବୟସରେ ପରଲୋକ ହୋଇଥିଲା। ସେ ନୂଆପଡ଼ା ଆସନରୁ ଚାରିଥର ବିଧାୟକଭାବେ ନିର୍ବାଚିତ ହୋଇଥିଲେ। ତାଙ୍କ ବିୟୋଗରେ ବହୁ ବିଶିଷ୍ଟ ବ୍ୟକ୍ତି ଶୋକପ୍ରକାଶ କରିଛନ୍ତି।

Desk

## ସାର ବଣ୍ଟନ

ରାଜ୍ୟରେ ସାର ବଣ୍ଟନ ନେଇ ସମସ୍ୟା ହେବା ଅଭିଯୋଗ ଆସିବା ପରେ ସମବାୟ ବିଭାଗ ପକ୍ଷରୁ ସାର ବଣ୍ଟନ କାର୍ଯ୍ୟକୁ ଗୁରୁତ୍ୱ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହା ସହ ସମସ୍ତ ପାକ୍ସ ନିଜର ଲାଇସେନ୍ସ ନବୀକରଣ କରିବାକୁ କୁହାଯାଇଛି। ପ୍ରତି ବର୍ଷ ଏପ୍ରିଲ ମାସରୁ ସାର ବଣ୍ଟନ ନେଇ ପ୍ରସ୍ତୁତି କରିବାକୁ ପାକ୍ସ ମାନଙ୍କୁ ସରକାରଙ୍କ ପକ୍ଷରୁ ପରାମର୍ଶ ଦିଆଯାଇଛି।

Malkangiri/V

# ଜିଏସ୍‌ଟି

ଜିଏସ୍‌ଟି ପରିଷଦ ବୈଠକରେ ଅନେକ ସଂସ୍କାର ମୂଳକ ପଦକ୍ଷେପ ଗ୍ରହଣ କରାଯାଇଥିବାରୁ ବିଭିନ୍ନ ମହଲରେ ସନ୍ତୋଷ ପ୍ରକାଶ ପାଇଛି । ଏହି ପଦକ୍ଷେପ ଦ୍ୱାରା ଦୁର୍ବଳ, ନିମ୍ନମଧ୍ୟବିତ୍ତ ଏବଂ ସବୁବର୍ଗର ଲୋକ ଉପକୃତ ହୋଇପାରିବେ । ମାଲକାନଗିରି ଜିଲ୍ଲାରେ ବ୍ୟବସାୟ କ୍ଷେତ୍ରରେ ଜିଏସ୍‌ଟି ସଂସ୍କାରମୂଳକ ପଦକ୍ଷେପକୁ ସ୍ୱାଗତ କରାଯାଇଛି । ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ ଓ ଲୋକଙ୍କ ଆବଶ୍ୟକ ସାମଗ୍ରୀ ଉପରେ ଜିଏସ୍‌ଟି ପରିମାଣ ହ୍ରାସ କରାଯାଇଥିବାରୁ ଜନସାଧାରଣରେ ଖୁସିବ୍ୟକ୍ତ କରାଯାଇଛି । ମାଲକାନଗିରି ଜିଲ୍ଲାର ଜଣେ ବ୍ୟବସାୟୀ ହେମରାଜ ସୋମାନୀ ଏ ସମ୍ପର୍କରେ ଆକାଶବାଣୀକୁ କହିଛନ୍ତି...

**- V/O –**

BHK/Desk

# ଅନ୍ତର୍ଜାତୀୟ ସାକ୍ଷରତା ଦିବସ

ସମାଜରେ ସାକ୍ଷରତାର ଗୁରୁତ୍ୱକୁ ନେଇ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଆଜି ଅନ୍ତର୍ଜାତୀୟ ସାକ୍ଷରତା ଦିବସ ପାଳନ କରାଯାଉଛି । ଆଜି ଦିବସର ବାର୍ତ୍ତା ରହିଛି ଡିଜିଟାଲ ଯୁଗରେ ସାକ୍ଷରତାକୁ ପ୍ରୋତ୍ସାହିତ କରିବା । ଅକ୍ଟୋବର ୨୬, ୧୯୬୬ ମସିହାରେ ପ୍ରଥମ ଥରପାଇଁ ୟୁନେସ୍କୋର ଚତୁର୍ଦ୍ଦଶ ସାଧାରଣ ସମ୍ମିଳନୀରେ ସେପ୍ଟେମ୍ବର ୮ ତାରିଖକୁ

ଅନ୍ତର୍ଜାତୀୟ ସାକ୍ଷରତା ଦିବସ ପାଳନ ପାଇଁ ଘୋଷଣା କରାଯାଇଥିଲା । ୨୦୧୧ ଜନଗଣନା ଅନୁଯାୟୀ ଭାରତରେ ସାକ୍ଷରତା ହାର ୭୪ ଦଶମିକ ୪ ପ୍ରତିଶତ ରହିଥିବାବେଳେ ମହିଳାଙ୍କ ସାକ୍ଷରତା ହାର ୬୫ ଦଶମିକ ୪/୬ ଓ ପୁରୁଷଙ୍କ ସାକ୍ଷରତା ହାର ୮୨ଦଶମିକ ୧/୪ ପ୍ରତିଶତ ରହିଥିଲା ।

ଭଦ୍ରକ ଜିଲ୍ଲା ଚାନ୍ଦବାଲି ସରକାରୀ ବିଦ୍ୟାଳୟ ଏବଂ ବାଗୁରାଇ ଉଚ୍ଚବିଦ୍ୟାଳୟଠାରେ ବିଶ୍ୱ ସାକ୍ଷରତା ଦିବସ ଅବସରରେ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି। ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ, ଜିଲ୍ଲା ଶିକ୍ଷା ଅଧିକାରୀ ଜଗବନ୍ଧୁ ସାହୁ ପ୍ରମୁଖ ଯୋଗଦେଇ ବିଶ୍ୱ ସାକ୍ଷରତା ଦିବସର ତାତ୍ପର୍ଯ୍ୟ ଓ ଉଦ୍ଦେଶ୍ୟରେ ସମ୍ପର୍କରେ ଆଲୋକପାତ କରିଥିଲେ।

Gajapati

## ଆଦି କର୍ମଯୋଗୀ

ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡିଠାରେ ଆଦି କର୍ମଯୋଗୀ ତାଲିମ କାର୍ଯ୍ୟକ୍ରମ ପ୍ରକଳ୍ପ ପ୍ରଶାସକ ଅଂଶୁମାନ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଜିଲ୍ଲାସ୍ତରୀୟ ତାଲିମ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଛି। ଶିବିରରେ ଶିକ୍ଷା, ସ୍ୱାସ୍ଥ୍ୟ, ଗ୍ରାମ୍ୟ ଉନ୍ନୟନ, ମହିଳା ଓ ଶିଶୁ ବିକାଶ, ଅନୁସୂଚିତ ଜାତି ଓ ଜନଜାତି ବିଭାଗଗୁଡ଼ିକର ବ୍ଲକସ୍ତରୀୟ ଅଧିକାରୀମାନଙ୍କୁ ବିଭିନ୍ନ କୌଶଳ ମାଧ୍ୟମରେ ତାଲିମ ପ୍ରଦାନ କରାଯାଇଥିଲା।

Boudh

## ଚାରାରୋପଣ- ସଚେତନତା ରଥ

ବୌଦ୍ଧ ଜିଲ୍ଲା ବନବିଭାଗ ପକ୍ଷରୁ 'ଏକ ପେଡ଼ ମା କେ ନାମ' କାର୍ଯ୍ୟକ୍ରମ ଅନ୍ତର୍ଗତ ବିଭିନ୍ନ ଗ୍ରାମପଞ୍ଚାୟତକୁ ଚାରା ପ୍ରଦାନ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ହରଭଙ୍ଗାଠାରେ ଚାରାରୋପଣ ଉଦ୍ଦେଶ୍ୟରେ ଏକ ସଚେତନତା ରଥର ଶୁଭାରମ୍ଭ କରାଯାଇଛି। ସମସ୍ତ ପଞ୍ଚାୟତକୁ ନିମ୍ବ, କରଞ୍ଜ, ଜାମ୍ବୁ, କଇଁଥ, ତେନ୍ତୁଳି ଆଦି ଚାରା ପ୍ରଦାନ କରାଯାଇଛି।

Boudh/D.garh/M.giri/B.garh/Gajapti/BHK/N.garh/N.rangpur/R.gada/N.pada/CTC/Kendrapara/SBLPUR/Subarnpur

## ଜନ ଅଭିଯୋଗ ଶୁଣାଣି

ରାଜ୍ୟର ବିଭିନ୍ନ ସ୍ଥାନରେ ଆଜି ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି।

**ସୁବର୍ଣ୍ଣପୁର** ଜିଲ୍ଲା ସମଲେଇ ଚୁଆଁ ଗ୍ରାମ ପଞ୍ଚାୟତ ସମ୍ମିଳନୀ କକ୍ଷରେ ବ୍ଲକସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଓ ଉପଶମ ଶିବିର ଅନୁଷ୍ଠିତ ହୋଇଛି। ଜିଲ୍ଲାପାଳ ଡକ୍ଟର ନୃପରାଜ ସାହୁ ଓ ଆରକ୍ଷୀ ଅଧୀକ୍ଷକ ନାରାୟଣ ନାୟକ ଯୋଗଦେଇ ମୋଟ ୧୩୧ଟି ଅଭିଯୋଗପତ୍ର ପତ୍ର ମଧ୍ୟରୁ ୭ଟି ତୁରନ୍ତ ସମାଧାନ କରିଛନ୍ତି।

**ନୂଆପଡ଼ା** ଜିଲ୍ଲା ବୋଡେନ ବ୍ଲକରେ ଜିଲ୍ଲାପାଳ ମଧୁସୂଦନ ଦାସ ଓ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଅମୃତପାଲ ସିଂହ ମୋଟ ୫୪ଟି ଅଭିଯୋଗର ଶୁଣାଣି କରିଛନ୍ତି।

**ରାୟଗଡ଼ା** ଜିଲ୍ଲା କୋଲନରା ବ୍ଲକ ସଦ୍‌ଭାବନା ସଭାଗୃହରେ ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ମୋଟ୍ ୬୬ଟି ଅଭିଯୋଗର ଶୁଣାଣି କରାଯାଇଥିଲା।

**ନବରଙ୍ଗପୁର** ଜିଲ୍ଲା ଝରିଗାଁ ପଞ୍ଚାୟତ ସମିତି ସମ୍ମିଳନୀ ଗୃହରେ ଆୟୋଜିତ ଜନଶୁଣାଣି ଶିବିରରେ ଜିଲ୍ଲାପାଳ ଡକ୍ଟର ମହେଶ୍ୱର ସ୍ୱାଇଁ ଏବଂ ଆରକ୍ଷୀ ଅଧୀକ୍ଷକ ମଡ଼କର ସନ୍ଦୀପ ସମ୍ପତ ଯୋଗଦେଇ ୩୦ଟି ଅଭିଯୋଗର ଶୁଣାଣି କରିଥିଲେ।

**ନୟାଗଡ଼** ଜିଲ୍ଲା ଗଣିଆ ବ୍ଲକରେ ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରଓ୍ୱାଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଜନଅଭିଯୋଗ ଶୁଣାଣି ଶିବିରରେ ସମୁଦାୟ ୩୯ଟି ଅଭିଯୋଗ ମଧ୍ୟରୁ ୪ଟିର ତତ୍କାଳ ସମାଧାନ କରାଯାଇଥିଲା।

**ଭଦ୍ରକ** ଜିଲ୍ଲା ଚାନ୍ଦବାଲି ପଞ୍ଚାୟତ ସମିତି କାର୍ଯ୍ୟାଳୟଠାରେ ଆୟୋଜିତ ଜନଅଭିଯୋଗ ଶୁଣାଣି ଶିବିରରେ ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ ଏବଂ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ମନୋଜ ରାଉତ ଯୋଗଦେଇ ମୋଟ ୨୧୦ଟି ଅଭିଯୋଗର ଶୁଣାଣି କରିଥିଲେ।

**ସମ୍ବଲପୁର** ଜିଲ୍ଲା ଜମନକିରା ବ୍ଲକ କାର୍ଯ୍ୟାଳୟଠାରେ ଆୟୋଜିତ ଜନଅଭିଯୋଗ ଶୁଣାଣି ଶିବିରରେ ମୋଟ ୬୬ଟି ଆବେଦନର ଶୁଣାଣି କରାଯାଇଥିଲା।

**ଗଜପତି** ଜିଲ୍ଲା ଗୁମ୍ମା ବ୍ଲକ ଅନ୍ତର୍ଗତ ଭୁବନୀ ଗ୍ରାମ ପଞ୍ଚାୟତରେ ଅନୁଷ୍ଠିତ ଶିବିରରେ ମୋଟ୍ ୬୧ଟି ଅଭିଯୋଗପତ୍ର ଗ୍ରହଣ କରାଯାଇଥିଲା।

**ବରଗଡ଼** ଜିଲ୍ଲା ପାଇକମାଲ ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ଜିଲ୍ଲାପାଳ ଆଦିତ୍ୟ ଗୋଏଲ ଏବଂ ଆରକ୍ଷୀ ଅଧକ୍ଷକ ପ୍ରହଲ୍ଲାଦ ସହାୟ ମୀନା ଯୋଗଦେଇ ସମୁଦାୟ ୧୦୭ଟି ଅଭିଯୋଗର ଶୁଣାଣି କରିଥିଲେ ।

**ମାଲକାନଗିରି** ଜିଲ୍ଲା କାଲିମେଳା ବ୍ଲକ ମାନ୍ୟମୋକଣ୍ଡା ଗ୍ରାମ ପଞ୍ଚାୟତରେ ଅନୁଷ୍ଠିତ ଜନଶୁଣାଣି ଶିବିରରେ ୫୮ଟି ଅଭିଯୋଗପତ୍ର ଗ୍ରହଣ କରାଯାଇଥିଲା ।

**ଦେବଗଡ଼** ଜିଲ୍ଲା ରିଆମାଳ ବ୍ଲକରେ ଆୟୋଜିତ ଶିବିରରେ ଜିଲ୍ଲାପାଳ ରବୀନ୍ଦ୍ର କୁମାର ସାହୁ ଯୋଗଦେଇ ୧୮ଟି ଅଭିଯୋଗର ଶୁଣାଣି କରିଛନ୍ତି ।

**ବୌଦ୍ଧ** ଜିଲ୍ଲା ହରଭଙ୍ଗା ବ୍ଲକ କାର୍ଯ୍ୟାଳୟଠାରେ ଆୟୋଜିତ ଶିବିରରେ ମୋଟ ୧୦୯ଟି ଅଭିଯୋଗପତ୍ର ମଧ୍ୟରୁ ୪୭ଟିର ତତ୍କାଳ ସମାଧାନ କରାଯାଇଥିଲା ।

କଟକ ଜିଲ୍ଲାର ବାରଙ୍ଗ ବ୍ଲକ, କେନ୍ଦ୍ରପଡ଼ା ଜିଲ୍ଲାର ଆଳି ବ୍ଲକ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି ।

MET

# ପାଣିପାଗ

ଦକ୍ଷିଣ ଓଡ଼ିଶା ଓ ଉତ୍ତର ଆନ୍ଧ୍ରପ୍ରଦେଶ ଉପକୂଳ ବଙ୍ଗୋପସାଗରରେ ସୃଷ୍ଟ ଘୂର୍ଣ୍ଣିବଳୟର ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଲାଗି ରହିଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଆସନ୍ତା

୨୪ ଘଣ୍ଟା ମଧ୍ୟରେ ଘଡ଼ଘଡ଼ି ସହ ବର୍ଷା ହେବା ନେଇ ପ୍ରାୟ ସମସ୍ତ ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି। ଆସନ୍ତା ୧୪ ତାରିଖ ପର୍ଯ୍ୟନ୍ତ ବର୍ଷା ଲାଗି ରହିବ ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ ଅନୁମାନ କରାଯାଇଛି।